ଆଞ୍ଚଳିକ

About Us | Feedback | Guestbook | Contact Us

Tuesday,06 Sep 2005

Search


ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments
- Entertainment
- Subscriptions
- Advertisements


## ବାରିପଦା-ରୂପ୍ସା ବ୍ରଡ଼ଗେଜ୍‌ରେ ପ୍ରଥମଥର ପାଇଁ ପରୀକ୍ଷାମୂଳକ ରେଳ ଚଳାଚଳ

ବାରିପଦା (ନି.ପ୍ର): ନବନିର୍ମିତ ରୂପ୍ସା-ବାରିପଦା ଓସାରିଆ ରେଳଲାଇନ୍‌ରେ ପରୀକ୍ଷାମୂଳକ ଗତି ଆକଳନ ନିମନ୍ତେ ଦୁଇଟି ଇଂଜିନ ସାତଟି କୋଚରେ ଆଗ ପଛ ସଂଯୋଗ ଥାଇ ପ୍ରଥମଥର ପାଇଁ ବାରିପଦା ରେଳଷ୍ଟେସନଠାରୁ ଶହେ କିଲୋମିଟର ବେଗରେ ଆଜି ଅପରାହ୍ନ ୪.୩୦ ମିନିଟ ସମୟରେ ଛାଡ଼ି ରୂପ୍ସା ଅଭିମୁଖେ ଯାଇଥିଲା। ରୂପ୍ସାଠାରେ ସଂଧ୍ୟା ୫.୧ ୫ ମିନିଟ ବେଳେ ରେଳଗାଡ଼ିଟି ପହଞ୍ଚିଥିଲା। ଏହି ରେଳ ଲାଇନରେ ଗାଡ଼ି କେ.ସି.ପୁର, ଯୁଗଳ ଏବଂ ବେତନଟୀ ଷ୍ଟେସନଠାରେ ଅଟକିଥିଲା। ରେଳର ଗତି ଆକଳନ ନିମନ୍ତେ ପରୀକ୍ଷାମୂଳକ ରେଳଇଂଜିନର ଚଳାଚଳକୁ ଦେଖିବା ନିମନ୍ତେ ବାରିପଦା ରେଳଷ୍ଟେସନଠାରେ ଲୋକମାନଙ୍କର ନାହିଁନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସାନପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ୧ ୦ ହଜାର ଲୋକ ଏହି ରେଳ ଚଳାଚଳକୁ ଦେଖିବା ପାଇଁ ବାରିପଦାଠାରେ ସମବେତ ହୋଇଥିଲେ। ଆସନ୍ତା ୧ ୯ ତାରିଖଠାରୁ ନିୟମିତ ଭାବେ ବାରିପଦାରୁ ରୂପ୍ସା ଏବଂ ରୂପ୍ସାରୁ ବାରିପଦା ରେଳ ଚଳାଚଳ କରିବ ବୋଲି ଦକ୍ଷିଣ-ପୂର୍ବ ରେଳବାଇର ବରିଷ୍ଠ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହାକୁ କେନ୍ଦ୍ରମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ବାରିପଦା ନଆସି ପାଞ୍ଚକୋଡ଼ା ରେଳଷ୍ଟେସନରୁ ରିମୋର୍ଟ ଯୋଗେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପରୀକ୍ଷାମୂଳକ ଗତି ଆକଳନ ନିମନ୍ତେ ରେଳ ଚଳାଚଳ ଆରମ୍ଭ ହେବା ପୂର୍ବରୁ ଆଜି ଦିନ ୩.୩୦ ମିନିଟ ସମୟରେ ବାରିପଦା ରେଳଷ୍ଟେସନଠାରେ ଦୁଇଟି ଇଂଜିନ ସହ ୭ଟି କୋଚ୍ ପ୍ରଥମେ ପହଞ୍ଚିଥିଲା। ଦକ୍ଷିଣ-ପୂର୍ବ ରେଳବାଇ ସୁରକ୍ଷା କମିଶନରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ପାଞ୍ଚଟି ରେଳଯାନ ମଟର ଟ୍ରଲିରେ ଚାରିଟା ସମୟରେ ଏଠାରେ ପହଞ୍ଚି ରେଳ ଚଳାଚଳ ସଂପର୍କୀୟ କାର୍ଯ୍ୟ ତଦାରଖ କରିଥିଲେ। ତଦାରଖ କାର୍ଯ୍ୟ ସଂପାଦନ ହେବା ପରେ ଆଜି ସାଢେ ଚାରିଟାବେଳେ ପରୀକ୍ଷାମୂଳକ ଭାବେ ଏଠାରୁ ରୂପ୍ସା ଅଭିମୁଖେ ଗାଡ଼ି ଚଳାଚଳ କରିଥିଲା। ଉଲ୍ଲେଖଯୋଗ୍ୟ, ରୂପ୍ସା-ବାଙ୍ଗିରିପୋଷି ଦୀର୍ଘ ୮ ୯.୪ କିଲୋମିଟର ରେଳପଥ ପ୍ରଶସ୍ତୀକରଣ ପାଇଁ ଗତ ୧ ୯ ୯ ୫ ମସିହା ଜୁଲାଇ ୨ ୯ ତାରିଖରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ରେଳମନ୍ତ୍ରୀ ସି.କେ. ଜାଫର ସରିଫ୍ ରୂପ୍ସା ଓ ବାରିପଦା ଦୁଇଟି ସ୍ଥାନରେ ପୃଥକ୍ ଭାବେ ଶିଳାନ୍ୟାସ କରିଥିଲେ। ଏହି ବ୍ୟୟବହୁଳ ଉତ୍ସବରେ ୧ ୯ ୯ ୮ ସୁଦ୍ଧା ଏହି ରେଳପଥ ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହେବ ବୋଲି କହିଥିଲେ। ଏହି ଅନୁଯାୟୀ ରୂପ୍ସା- ବାଙ୍ଗିରିପୋଷି ଗଜ ପରିବର୍ତ୍ତନ ପ୍ରକଳ୍ପରେ ମାତ୍ର ୫ ୨ କିଲୋମିଟର ରୂପ୍ସା-ବାରିପଦାକୁ ଓସାରିଆ ରେଳପଥ କରାଯାଇଥିଲେ ସୁଦ୍ଧା ନିୟମିତ ରେଳ ଚଳାଚଳ ଏପର୍ଯ୍ୟନ୍ତ ଆରମ୍ଭ କରାଯାଇନାହିଁ। ବାରିପଦାରୁ ବାଙ୍ଗିରିପୋଷି ଦୀର୍ଘ ୩୭.୪ କିଲୋମିଟର ରେଳପଥକୁ ଓସାରିଆ କରିବା ପାଇଁ କୌଣସି କାର୍ଯ୍ୟକ୍ରମ ରେଳ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ କିମ୍ବା ଏ ବାବଦରେ କୌଣସି ଯୋଜନା ଥିଲା ଭଳି ଜଣାପଡୁନାହିଁ। ଆଦିବାସୀବହୁଳ ମୟୂରଭଂଜ ଜିଲାବାସୀଙ୍କୁ ଆଉ ଅବହେଳା କରାନଯିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।





Samaja Relief

About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)